[2008] 15 S.C.R. 33

ଗୋଆ ରାଜ୍ୟ

ବନାମ

ସୁଭାଷ ଘୋଗଲେ

(ଅପରାଧିକ ଅପିଲ ସଂଖ୍ୟା- 1107/2002)

21 ଅକ୍ଟୋବର, 2008

**[ଡଃ ଅରିଜିତ ପଶାୟତ, ସି.କେ.ଠକ୍କର ଏବଂ ଲୋକେଶ୍ୱର ସିଂହ ପଣ୍ଡା, ନ୍ୟାୟମୂର୍ତ୍ତିବୃନ୍ଦ]**

*ଦଣ୍ଡ ସଂହିତା, 1860- ଧାରା 302-ହତ୍ୟା- ଅଭିଯୋଜନ ମାମଲା ଯାହା ଗଳା ଚିପି ହତ୍ୟା ଦ୍ୱାରା- ପରିସ୍ଥିତିଗତ ପ୍ରମାଣ ଉପରେ ନିର୍ଭରଶୀଳତା-ଧାରା- 302 ଅଧୀନରେ ଦଣ୍ଡବିଧାନ ଏବଂ ଆଜୀବନ କାରାଦଣ୍ଡ-ତଥାପି, ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିର୍ଦ୍ଦୋଷରେ ଖଲାସ-ଅପିଲରେ କୁହାଯାଇଛି: ଉଚ୍ଚ ନ୍ୟାୟାଳୟ ସଠିକ୍ ଭାବରେ ରାୟ ଦେଇଛନ୍ତି ଯେ ପ୍ରମାଣ ପର୍ଯ୍ୟାପ୍ତ ନୁହେଁ, ତେଣୁ, ଅଭିଯୋଗଗୁଡ଼ିକ ପ୍ରତିଷ୍ଠା କରିବାରେ ବିଫଳ ହୋଇଥିଲେ- ପ୍ରମାଣ- ପାରିପାର୍ଶ୍ୱିକ ପ୍ରମାଣ ।*

ଅପରାଧିକ ଅପିଲ ଅଧିକାରିତା : ଅପରାଧିକ ଅପିଲ ସଂଖ୍ୟା- 1107/2002 ।

ଅପରାଧିକ ଅପିଲ ସଂଖ୍ୟା-70/2000ରେ ଗୋଆ ସ୍ଥିତ ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କର ତା1.7.2002ରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ଏ.ସୁଭାଷିନୀ ।

ଉତ୍ତରଦାତାଙ୍କ ପାଇଁ ଜେ.କେ.ମହାପାତ୍ର, ଅମିତ ସିଂହ, ଅରୁଣେଶ୍ୱର ଗୁପ୍ତା, ପ୍ରଶାନ୍ତ କୁମାର ଏବଂ ତ୍ରିବେଣୀ ପୋଟେକର ।

ନ୍ୟାୟାଳୟଙ୍କ ରାୟ ପ୍ରଦାନ କରାଯାଇଥିଲା

**ଡଃ ଅରିଜିତ ପଶାୟତ, ନ୍ୟାୟମୂର୍ତ୍ତିଙ୍କ ଦ୍ୱାରା ।** ଏହି ଅପିଲରେ ଆପତ୍ତି ହେଉଛି ଗୋଆ ସ୍ଥିତ ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କର ଏକ ଖଣ୍ଡପୀଠଙ୍କ ଦ୍ୱାରା ପାରିତ ହୋଇଥିବା ଦୋଷମୁକ୍ତିର ରାୟ ।

ବିଜ୍ଞ ଅତିରିକ୍ତ ଦୌରା ବିଚାରପତି, ମାପୁସା ଭାରତୀୟ ଦଣ୍ଡ ସଂହିତା, 1860 (ସଂକ୍ଷେପରେ 'ଆଇପିସି') ର ଧାରା-302 ଅଧୀନରେ ଦଣ୍ଡନୀୟ ଅପରାଧ ପାଇଁ ଉତ୍ତରଦାତାଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ । ଅଭିଯୋଗ ଥିଲା ଯେ, 1999 ମସିହା ଜାନୁଆରୀ 4 ତାରିଖ ରାତିରେ ଉତ୍ତରଦାତା ଶ୍ରୀମତୀ ବନ୍ଦୀତା ପେରିଏରାଙ୍କୁ (ଏହା ପରେ 'ମୃତକ' ବୋଲି କୁହାଯାଏ) ଗଳା ଚିପି ହତ୍ୟା କରିଥିଲେ । ଅଭିଯୋଜନ ଏହାର ଅଭିଯୋଗକୁ ପ୍ରମାଣ କରିବା ପାଇଁ ପରିସ୍ଥିତିଗତ ପ୍ରମାଣ ଉପରେ ନିର୍ଭର

କରିଥିଲା । ବିଚାର କରିଥିବା ନ୍ୟାୟାଳୟ ଜାଣିବାକୁ ପାଇଲେ ଯେ, ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିବା ପାଇଁ ପରିସ୍ଥିତି ଯଥେଷ୍ଟ ଥିଲା ଏବଂ ସେହି ଅନୁଯାୟୀ ତାଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ ଏବଂ ତାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ । ଅପିଲରେ, ଉଚ୍ଚ ନ୍ୟାୟାଳୟ ଜାଣିବାକୁ ପାଇଲେ ଯେ, ଦର୍ଶାଯାଇଥିବା ପରିସ୍ଥିତି ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିବା ପାଇଁ ଯଥେଷ୍ଟ ନୁହେଁ ଏବଂ ସେଥିପାଇଁ, ନିର୍ଦ୍ଦୋଷରେ ଖଲାସ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

ଅପିଲକାରୀଙ୍କ ପାଇଁ ବିଜ୍ଞ ଅଧିବକ୍ତା ପି.ଡବ୍ଲ୍ୟୁ. 5 ଏବଂ 9 ମାନଙ୍କର ସାକ୍ଷ୍ୟ ସନ୍ଦର୍ଭରେ ଉପସ୍ଥାପନ କରିଥିଲେ ଯେ, ସେମାନଙ୍କ ସାକ୍ଷ୍ୟ ଉତ୍ତରଦାତାଙ୍କୁ ଦୋଷୀ ସାବ୍ୟସ୍ତ କରିବା ପାଇଁ ଯଥେଷ୍ଟ ଥିଲା ।

ଅନ୍ୟପକ୍ଷରେ ଉତ୍ତରଦାତାଙ୍କ ବିଜ୍ଞ ଅଧିବକ୍ତା ଉଚ୍ଚ ନ୍ୟାୟାଳୟଙ୍କର ରାୟକୁ ସମର୍ଥନ କରିଥିଲେ । ଅଭିଯୋଜନଙ୍କ ଦ୍ୱାରା ଉଲ୍ଲେଖ କରାଯାଇଥିବା ପରିସ୍ଥିତି ନିମ୍ନରେ ଦିଆଗଲା:

"1. ଅପିଲକାରୀ/ଅଭିଯୁକ୍ତ ଏବଂ ମୃତକଙ୍କ ମଧ୍ୟରେ ସମ୍ପର୍କ ତିକ୍ତ ଥିଲା ଏବଂ ଏହି ତିକ୍ତ ସମ୍ପର୍କ ଏକ ଉଦ୍ଦେଶ୍ୟ ପ୍ରଦାନ କରେ ।

2. ଅପିଲକାରୀ/ଅଭିଯୁକ୍ତ ସାଧାରଣତଃ ହୋଟେଲର ପ୍ରଥମ ମହଲାରେ ମୃତକଙ୍କ ସହ ରହୁଥିଲେ ।

3. ଅପିଲକାରୀ/ଅଭିଯୁକ୍ତ ଏବଂ ମୃତକ ପ୍ରାୟ ରାତି 11.30 ସମୟରେ ପ୍ରଥମ ମହଲାରେ ଏକା ଥିଲେ । ଏହି ପରିସ୍ଥିତି ପି.ଡବ୍ଲ୍ୟୁ- 9 ଏବଂ 10 ର ପ୍ରମାଣରୁ ପ୍ରକାଶିତ ହୁଏ ।

4. ପ୍ରଥମ ମହଲାରୁ ପି.ଡବ୍ଲ୍ୟୁ- 5, 9 ଏବଂ 10ମାନଙ୍କ ଦ୍ୱାରା ଝଗଡ଼ାର ଶବ୍ଦ ଶୁଣିବାକୁ ମିଳିଥିଲା ।

5. ଅପିଲକାରୀ/ଅଭିଯୁକ୍ତ ପ୍ରଥମ ମହଲାରେ ରାତି 11.30 ସମୟରେ ତାଙ୍କର ଉପସ୍ଥିତି ସମ୍ପର୍କରେ କୌଣସି ସ୍ପଷ୍ଟୀକରଣ ଦେଇନାହାଁନ୍ତି ।

6. ଉଭୟ ଦ୍ୱାର ପ୍ରଥମେ ସାକ୍ଷୀମାନଙ୍କ ଦ୍ୱାରା ବନ୍ଦ ଥିବା ଦେଖିବାକୁ ମିଳିଥିଲା ଏବଂ ପରେ ପି.ଡବ୍ଲ୍ୟୁ. 9 ପଛ ଦ୍ୱାର ଖୋଲିବାକୁ ଲକ୍ଷ୍ୟ କରିଥିଲେ । ତେଣୁ, ଏକ ଅନୁମାନ କରାଯାଇପାରେ ଯେ, ଅଭିଯୁକ୍ତ ଅପରାଧ କରିବା ପରେ ପଛ ଦ୍ୱାରଦେଇ ଖସି ପଳାଇଥିଲା ।

7. ମୃତ୍ୟୁଟି ନରହତ୍ୟା ଅଟେ ।

8. ଅଭିଯୁକ୍ତଙ୍କ ଉପରେ ଆଘାତ ଅଭିଯୋଗ ମାମଲା ସହିତ ସୁସଂଗତ ଏବଂ ଯାହା ଅଭିଯୁକ୍ତଙ୍କ ଦ୍ୱାରା ସ୍ପଷ୍ଟ କରାଯାଇ ନାହିଁ ।

9. ଅଭିଯୁକ୍ତଙ୍କୁ ଯାଞ୍ଚ କରାଯାଉଥିବା ସମୟରେ ପି.ଡବ୍ଲ୍ୟୁ. 1 ଙ୍କୁ ଦେଇଥିବା ବୟାନ ।

10. ହାତ ଘଡ଼ିରେ 'ବି' ବର୍ଗର ରକ୍ତ ମିଳିଥିଲା, ଯାହା ଅପିଲକାରୀ/ ଅଭିଯୁକ୍ତଙ୍କର ବୋଲି ଚିହ୍ନଟ କରାଯାଇଥିଲା ।

11. ଅଭିଯୁକ୍ତଙ୍କ ଦ୍ୱାରା ନିଆଯାଇଥିବା ମିଥ୍ୟା ପ୍ରତିରକ୍ଷା ଅତିରିକ୍ତ କଡ଼ି ପ୍ରଦାନ କରେ ।"

ଯେପର୍ଯ୍ୟନ୍ତ କିଛି ପରିସ୍ଥିତିର କଥା ଅଛି, ସେଗୁଡ଼ିକର ଏହି ପ୍ରଶ୍ନ ସହିତ କୌଣସି ସମ୍ପର୍କ ନାହିଁ ଯେ, ଉତ୍ତରଦାତା ଆରୋପିତ ଅପରାଧରେ ଦୋଷୀ ଥିଲେ କି । ଅଭିଯୋଜନ ମୁଖ୍ୟତଃ ପି.ଡବ୍ଲ୍ୟୁ. 5, 9 ଏବଂ 10ର ସାକ୍ଷ୍ୟ ଉପରେ ନିର୍ଭର କରୁଥିଲେ । ଯେପର୍ଯ୍ୟନ୍ତ ଏହି ସାକ୍ଷୀମାନଙ୍କ ପ୍ରମାଣ ସମ୍ବନ୍ଧରେ, ଦଣ୍ଡ ପ୍ରକ୍ରିୟା ସଂହିତା 1973 (ସଂକ୍ଷେପରେ ସଂହିତା) ର ଧାରା- 313 ଅଧୀନରେ ପରୀକ୍ଷାରେ ଅଭିଯୁକ୍ତଙ୍କୁ ପଚରାଯାଉଥିବା ପ୍ରଶ୍ନଗୁଡ଼ିକ ମଧ୍ୟରୁ କେବଳ ଦୂରସ୍ଥ ମହତ୍ତ୍ୱର ଏକମାତ୍ର ପ୍ରଶ୍ନ (ଗୁଡ଼ିକ) ନିମ୍ନରେ ଦିଆଗଲା:

"ପ୍ର.35 :- ଏହା ପି. ଡବ୍ଲ୍ୟୁ. 5ର ସାକ୍ଷ୍ୟ ଯେ, ତାଙ୍କ ଏସ୍.ଟି.ଡି. ବୁଥ୍ ସମ୍ମୁଖରେ ଆପଣ ଏବଂ ଜଣେ ବର୍ଣ୍ଣାଡେଟ୍ ଙ୍କ ଦ୍ୱାରା ପରିଚାଳିତ ଲବଷ୍ଟର ପଟ ବାର୍ ଏବଂ ରେଷ୍ଟୁରାଣ୍ଟ ଅଛି ଏବଂ ରାତିରେ ସେ ଅନୁମାନ କରିଥିଲେ ଯେ ଆପଣ ଏବଂ ସେ ପ୍ରଥମ ମହଲାରେ ଉକ୍ତ ରେଷ୍ଟୁରାଣ୍ଟରେ ରହୁଛନ୍ତି । ଆପଣ କ'ଣ କହିବାକୁ ଚାହୁଁଛନ୍ତି?

ପ୍ର.45 :- ଏହା ପି. ଡବ୍ଲ୍ୟୁ. 9ର ସାକ୍ଷ୍ୟ ଯେ, ମଧ୍ୟରାତ୍ରିରେ 12.30 ରେ ସେ ଆପଣଙ୍କ ଏବଂ ମ୍ୟାଡାମ୍ ପେରେରା ଏବଂ ମ୍ୟାଡାମ୍ ପେରେରାଙ୍କ ମଧ୍ୟରେ ଲଢ଼େଇର ଶବ୍ଦ ଶୁଣିଥିଲେ ଏବଂ ମ୍ୟାଡାମ ପେରେରା ତାଙ୍କୁ ଜନ୍ ବୋଲି ଡାକୁଥିଲେ । ସେ କହିଥିଲେ ଯେ, ସେ ତାଙ୍କୁ ଜନ୍ ବୋଲି ଡାକୁଥିଲେ । ସେ ତା'ର ଚିତ୍କାର ଶୁଣିଲା, "ଜନ୍ ମୋତେ ସାହାଯ୍ୟ କର ।" ଆପଣ କ'ଣ କହିବାକୁ ଚାହୁଁଛନ୍ତି?

ସେମାନେ କୌଣସି ପ୍ରକାରେ ଅଭିଯୁକ୍ତଙ୍କ ବିରୋଧରେ କୌଣସି ଅପରାଧିକ ତଥ୍ୟ ସହିତ ଜଡ଼ିତ କରି ନାହାଁନ୍ତି ।

ଯେପର୍ଯ୍ୟନ୍ତ ପି.ଡବ୍ଲ୍ୟୁ.-10 ସମ୍ପୃକ୍ତ, ତାଙ୍କ ପ୍ରମାଣ ପ୍ରକୃତରେ ଅଭିଯୋଜନକୁ କୌଣସି ସାହାଯ୍ୟ କରେ ନାହିଁ । ସେମାନେ ମୁଖ୍ୟତଃ ଭୋଜନାଳୟରେ ବ୍ୟକ୍ତିବିଶେଷଙ୍କ ଯୋଗଦାନ ସହିତ ଜଡ଼ିତ ଥିଲେ । ସେ କେବଳ କହିଛନ୍ତି ଯେ, ସେ ବାହାରୁ କିଛି ଶବ୍ଦ ଶୁଣିଥିଲେ ଏବଂ ଭୋଜନାଳୟର ପ୍ରଥମ ମହଲାରେ ମୃତକଙ୍କ କଣ୍ଠରୋଧ ଶବ୍ଦ ଶୁଣିଥିଲେ ।

ପ୍ରମାଣର ଅଭାବକୁ ଦୃଷ୍ଟିରେ ରଖି, ଯେପରି ଉଚ୍ଚ ନ୍ୟାୟାଳୟ ଯଥାର୍ଥ ଭାବରେ ଉଲ୍ଲେଖ କରିଛନ୍ତି, ଅଭିଯୋଜନ ଅଭିଯୋଗ ପ୍ରତିଷ୍ଠା କରିବାରେ ବିଫଳ ହୋଇଛନ୍ତି, ଯେତେଦୂର ପର୍ଯ୍ୟନ୍ତ ଉତ୍ତରଦାତାଙ୍କ ସମ୍ବନ୍ଧରେ ଅଟେ । ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଦିଆଯାଇଥିବା ଦୋଷମୁକ୍ତି ରାୟରେ ହସ୍ତକ୍ଷେପ କରିବା ପାଇଁ କୌଣସି ତ୍ରୁଟି ନାହିଁ ।

ଏହି ଅପିଲ ଖାରଜ କରାଯାଉଛି ।

ଏନ୍.ଜେ. ଅପିଲ ଖାରଜ କରାଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା :**

**ଶ୍ରୀମତୀ ଲୋପାମୁଦ୍ରା ମହାନ୍ତି**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**